ପ୍ରେରକ
ଶ୍ରୀ ବେଙ୍କଟ ବିହାରୀ ପ୍ରହରାଜ
ଋଷିକୂଲ୍ୟା ସରସ୍ୱତୀ ସଂସ୍କୃତି ଗବେଷକ
ହିଲପାଟଣା, ବ୍ରହ୍ମପୁର, ଗଞ୍ଜାମ, ପିନ - ୭୬୦୦୦୫
ମୋ – ୮୭୬୩୬୦୨୫୨୦
ପ୍ରାପ୍ତେଷୁ,

ଶ୍ରୀଯୁକ୍ତ ମୋହନ ଚରଣ ମାଝି,
ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡିଶା ସରକାର
ଲୋକସେବା ଭବନ, ଭୁବନେଶ୍ୱର

ବିଷୟ - ଓଡିଶାର ନିଜସ୍ୱ ପ୍ରାଚୀନ ଅସ୍ମିତା କୁରୁକ୍ଷେତ୍ରର ପୁନଃ ପ୍ରତିଷ୍ଠା ନିମନ୍ତେ ନିବେଦନ ।

ଓଡିଶା ପ୍ରଦେଶର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝିଙ୍କୁ ଆଶୀର୍ବାଦ ସହ ଏଥିଦ୍ୱାରା ଲେଖି ଜଣାଇବା କାରଣ ଏହି କି ଯେ କେତେକ ସ୍ୱାର୍ଥାନ୍ଧ ବିଦ୍ୱାନ ଶ୍ରୀକୃଷ୍ଣ ଦ୍ୱୈପାୟନ ବ୍ୟାସଙ୍କ ରଚିତ ମହାଭାରତ ଗ୍ରନ୍ଥ ଏବଂ ସେଥିରେ ବର୍ଣ୍ଣିତ ଥିବା ବନପର୍ବ ଅନ୍ତର୍ଗତ ତୀର୍ଥଯାତ୍ରା ପର୍ବ ଅଧ୍ୟାୟ ୮୩ ଶ୍ଳୋକ ୪ ତଥା ଶ୍ଳୋକ ୨୦୮ ଅନୁଯାୟୀ ମେଦିନୀ ମଧ୍ୟସ୍ଥ ଭୂମିରେ ଅତୀତରୁ ପ୍ରଭୁତ୍ୱ ଅର୍ଜନ କରି ଆସିଥିବା ରାଜର୍ଷି କୁରୁଙ୍କ ଦ୍ୱାରା କୁରୁକ୍ଷେତ୍ରକୁ ଓଡିଶାର ନିଜସ୍ୱ ଅସ୍ମିତାଭାବେ ଘୋଷଣା କରନ୍ତୁ । ଏହାର ସତ୍ୟତା ପ୍ରମାଣ ଅନେକ ରହିଅଛି । ସେଥି ମଧ୍ୟରୁ କେତେକ ମୁଖ୍ୟ ତଥ୍ୟ ଆପଣଙ୍କ ଗୋଚରାର୍ଥେ ଏବଂ ବିହୀତ ପଦକ୍ଷେପ ନେବା ନିମନ୍ତେ ଉପସ୍ଥାପନ କରୁଅଛି । ପ୍ରାଚୀନ ଶାସ୍ତ୍ର ଅନୁଯାୟୀ କୁରୁକ୍ଷେତ୍ର ଅଞ୍ଚଳର ସୀମା ସରହଦର ଚାରିଦ୍ୱାର ହେଲା –

ମହାଭାରତ ବନପର୍ବ ୮୩ ଅଧ୍ୟାୟର ଶ୍ଳୋକ ପ୍ରକାରେ ଋଷିକୂଲ୍ୟା ସରସ୍ୱତୀ ଜଳଧାରର ଦକ୍ଷିଣ ପାର୍ଶ୍ୱ ତଥା ଦୃଶଦ୍‌ବତୀ ବା ମହେନ୍ଦ୍ର ତନୟା ଜଳଧାରର ଉତ୍ତର ପାର୍ଶ୍ୱ ଅନ୍ତର୍ଗତ ଭୂଖଣ୍ଡ କୁରୁକ୍ଷେତ୍ର ଅଟେ । କୁରୁକ୍ଷେତ୍ରର ପଶ୍ଚିମ- ଉତ୍ତର ପାର୍ଶ୍ୱରେ ଋଷିକୂଲ୍ୟା ସରସ୍ୱତୀ ପ୍ରବାହିତ । ସମୁଦାୟ ପୂର୍ବାଞ୍ଚଳ ଯେଉଁ କ୍ଷେତ୍ରରେ ମହାଭାରତ ସଂଗ୍ରାମ ପ୍ରଚଳିତ ଥିଲା । କିନ୍ତୁ ପରେ ପରେ ଦ୍ୱାରିକା ନଗର ସମୁଦ୍ର ପ୍ରଭାବ କାଳେ, ପୂର୍ବାଞ୍ଚଳ କ୍ଷେତ୍ର ମଧ ସମୁଦ୍ର ପ୍ରଭାବକୁ ଆସି ବର୍ତ୍ତମାନ ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ଛତ୍ରପୁର ନିକଟସ୍ଥ ପ୍ରାଚୀନ ଅଗସ୍ତି ଗାଁ ପ୍ରଭାବିତ ହୋଇ ପରବର୍ତ୍ତୀ କାଳରେ ଅଗସ୍ତି ନୂଆ ଗାଁ ସୃଷ୍ଟି ହୋଇଅଛି । ଦକ୍ଷିଣ ପାର୍ଶ୍ୱରେ (ବର୍ତ୍ତମାନ ଆନ୍ଧ୍ର ପ୍ରଦେଶରେ) ଥିବା ଜଳନ୍ତର, ବୁଢ଼ାରସିଂହ, ମଞ୍ଜୁଷା, ଇଛାପୁର ପ୍ରଭୃତି ବଂଶଧାରାର ଉତ୍ତର ପାର୍ଶ୍ୱରେ କେତେକ ଜନପଦ ରହିଛି । ଉତ୍ତର ପାର୍ଶ୍ୱରେ ଭଗବାନ ବଳରାମ ସାଗର କୋଳେ କରିଥିବା ତୀର୍ଥଯାତ୍ରା ଯାହା କି ଶଲ୍ୟପର୍ବ ଅନ୍ତର୍ଗତ ଗଦାପର୍ବରେ ବର୍ଣ୍ଣିତ । କୁରୁକ୍ଷେତ୍ରର ଉତ୍ତର ପାର୍ଶ୍ୱରେ ଚିଲିକା ହ୍ରଦ, ଜଗନ୍ନାଥଙ୍କ ଶ୍ରୀମନ୍ଦିର ସହ କିଛି ଅଂଶ ସମୁଦ୍ର ପ୍ରଭାବରେ ପ୍ରଭାବିତ ହୋଇଛି । କୁରୁକ୍ଷେତ୍ରର ଚାରିଦ୍ୱାର ନିରୂପଣ ତଦ୍‌ଭିତିକ ଅଟେ । ତରନ୍ତୁକ ପଶ୍ଚିମ ଦିଗରେ ଅରନ୍ତୁକ ପୂର୍ବରେ, ଦକ୍ଷିଣରେ ରାମହ୍ଲାଦ ତଥା ଉତ୍ତରରେ ମଚକ୍ରୁକ କ୍ଷେତ୍ରର ବର୍ଣ୍ଣନା ରହିଛି ।

ଏଠାରେ ପ୍ରକାଶ ଥାଉକି - ନିଜ ନିଜ ଅସ୍ମିତାରୁ ବିଦ୍ୱାନମାନେ ଧର୍ମ କ୍ଷେତ୍ରକୁ ଧର୍ମ ଭୂମି କହିବା, ଜୟଦେବଙ୍କ ଗୀତଗୋବିନ୍ଦ ରଚନାରେ ଥିବା ଦଶବିଧକୁ ଦଶ ଅବତାରରେ ବର୍ଣ୍ଣନା କଲାପରି ରାଜର୍ଷି କୁରୁଙ୍କ ଦ୍ୱାରା ବର୍ଣ୍ଣିତ କୁରୁକ୍ଷେତ୍ରର ପ୍ରକୃତ ଅଞ୍ଚଳକୁ ସ୍ଥାନାନ୍ତରିତ କରାଯାଇଛି । ସଂଶୋଧନ କରାଯାଉ ।

# କୁରୁକ୍ଷେତ୍ରର ପ୍ରକୃତ ସୀମା ଓ ତା'ର ବିଭାଜନ

ସୂର୍ଯ୍ୟକନ୍ୟା ତପତୀ ଓ ଚନ୍ଦ୍ରବଂଶୀ ସମ୍ରାଟ ସଂବରଣ ସମ୍ପର୍କରୁ ରାଜା କୁରୁଙ୍କ ଜନ୍ମ । ଏହି ଘଟଣା ପ୍ରାୟ ଦୁଇ କୋଟି ବର୍ଷ ପୂର୍ବେ ଘଟିଥିଲା । ପ୍ରାପ୍ତ ବୟସ ହେବାପରେ କୁରୁ, ରାଜ୍ୟଭାର ଗ୍ରହଣ କରି ରାଜା ବୋଲାଇଥିଲେ । ରାଜ୍ୟସତ୍ତା ପ୍ରାପ୍ତ ପରେ ସେ ୧୩ଟି ଦେଶକୁ ନେଇ ଯଥା-ମତ୍ସ୍ୟ, ଚେଦି, ନୈଷଧ, ବିଦର୍ଭ, କୋଶଳ, ଉତ୍ତର କୋଶଳ, ମଗଧ, ପାଞ୍ଚାଳ, ଇନ୍ଦ୍ରପ୍ରସ୍ଥ, ଯମପ୍ରସ୍ଥ, ବାରୁଣୀ, ହସ୍ତିନା, ଜୟନ୍ତା ଆଦି ଦେଶ ଦ୍ୱାରା 'କୁରୁ ଜାଙ୍ଗଳ' ରାଷ୍ଟ୍ର ଗଠନ କରିଥିଲେ ।

ରାଜ୍ୟ ବିସ୍ତାର ପରେ ପରେ ନିଜ ନାମରେ କ୍ଷେତ୍ର ନିର୍ମାଣ କରି କୁରୁକ୍ଷେତ୍ର ନାମ ଦେଲେ । ବ୍ୟାସ କୃତ ମହାଭାରତ ଗଦା ପର୍ବ ଅଧ୍ୟାୟ ୫୪ରେ ସୀମା, ମହିମା ବର୍ଣ୍ଣନା ରହିଛି । କୁହାଯାଇଛି ସମୁଦାୟ କ୍ଷେତ୍ର ସମନ୍ତ ପଞ୍ଚକ ରୂପେ ସନାତନ ତୀର୍ଥ କ୍ଷେତ୍ର ଥିଲା । ଏହି କ୍ଷେତ୍ର ପୁଣି ପ୍ରଜାପତିଙ୍କ ଉତ୍ତର ବେଦି ଥିଲା । ମହାନ ମହାନ ବରଦାୟକ ଦେବତାଗଣ ଅନୁଷ୍ଠାନ ମାନ ଗଠନ କରିବା ପୂର୍ବରୁ ତେଜସ୍ୱୀ କୁରୁ ବହୁ ବର୍ଷ ଧରି କ୍ଷେତ୍ରକୁ ହଳ କରିଥିଲେ । ଏଣୁ କ୍ଷେତ୍ର ନାମ କୁରୁକ୍ଷେତ୍ର ବୋଲାଇଥିଲା ।

ସେ ନିଜ ରାଜ୍ୟ କ୍ଷେତ୍ରକୁ ବାରମ୍ବାର ତଥା ଦୀର୍ଘ ଦିନ ଧରି ହଳ କରିଥିଲେ । ରାଜା କୁରୁଙ୍କ ଏହି ନିଷ୍ଠା କର୍ମ ଦେଖି ଇନ୍ଦ୍ର ସ୍ୱର୍ଗରୁ ରାଜାଙ୍କ ସମିପ ହୋଇ ପ୍ରଶ୍ନ କରିଥିଲେ, ହେ ରାଜା ! ବୃଥାରେ କାହିଁକି ପରିଶ୍ରମ ପଡୁଛ ? ଉତ୍ତରରେ ରାଜା କହିଥିଲେ – ମୋ ଶ୍ରମ ବୃଥା ଯିବନି । କାରଣ ଏହି କ୍ଷେତ୍ରରେ ଯେଉଁ ମନୁଷ୍ୟ ମୃତ୍ୟୁବରଣ କରିବ, ସେ ସିଧା ସ୍ୱର୍ଗରେ ପହଞ୍ଚିବ । ଇନ୍ଦ୍ରଦେବ ଏପରି ଶୁଣି ଅଟ୍ଟହାସ୍ୟ କରି ଚାଲିଗଲେ । କିନ୍ତୁ କିଛିଦିନ ପରେ ପୁଣି ଦେଖିଲାବେଳକୁ ରାଜା କୁରୁ ଖରା ବର୍ଷା ଶୀତାଦିକୁ ନ ମାନି ନିୟମିତ ହଳ କରି ଚାଲିଥିଲେ । ବାରମ୍ବାର ଇନ୍ଦ୍ର ଆସି ପ୍ରଶ୍ନ କରୁଥିଲେ । ଏକା ଉତ୍ତର ପାଇ ଫେରିଯାଉଥିଲେ । ଦେବତାଗଣ କିନ୍ତୁ ଇନ୍ଦ୍ରଙ୍କ ବିବ୍ରତ ଦେଖି କହିଥିଲେ, ଯଦି ସମ୍ଭବ ତେବେ ରାଜର୍ଷି କୁରୁଙ୍କୁ ବର ପ୍ରଦାନ କରି ନିଜର ଅନୁକୂଳ କାମନା କରନ୍ତୁ । କାରଣ ଦେବତାମାନଙ୍କୁ ଯଦି ବିନା ପୂଜାରେ ସେ ସ୍ୱର୍ଗକୁ ଆସିଯିବେ,ତେବେ ଦେବତାମାନଙ୍କ ପ୍ରାପ୍ତ ଭୋଗ ନଷ୍ଟ ହୋଇଯିବ ନାହିଁକି ?

ଦେବତାମାନଙ୍କ ବିଚାରକୁ ଇନ୍ଦ୍ର ଗ୍ରହଣ କରି, ରାଜା କୁରୁ ସମିପ ହୋଇ କହିଥିଲେ – ହେ ମହାତ୍ମା ! ଆପଣ ହଳ କରିବା ବନ୍ଦ କରନ୍ତୁ । ଏଠାରେ କେବଳ ମନୁଷ୍ୟ କାହିଁକି, ଏହାଙ୍କ ସହ ପଶୁ, ପକ୍ଷୀ, କୀଟ, ପତଙ୍ଗଙ୍କ ସହିତ ଆହାର ବିନା ଏବଂ ସଗ୍ରାମ ଆଦିରେ ମୃତ୍ୟୁ ହେଲେ ମଧ୍ୟ ପ୍ରାଣୀ ସ୍ୱର୍ଗ ହିଁ ପ୍ରାପ୍ତ ହେବେ । ଏପରି ବର ପ୍ରଦାନ କରି ଇନ୍ଦ୍ର ଫେରିଯିବା ପରେ ବ୍ରହ୍ମାଦି ବରଦାୟକ ଦେବଗଣ ଆସି କୁରୁଙ୍କୁ କହିଥିଲେ – ବାୟୁଦ୍ୱାରା ଏହି କ୍ଷେତ୍ରସ୍ଥ ଧୂଳି ଯଦି କୌଣସି ପାପୀଙ୍କ ଉପରେ ପଡ଼ିଲେ ମଧ୍ୟ ସେ ଆତ୍ମାର ମୁକ୍ତି ସୁନିଶ୍ଚିତ ।

ଶାସ୍ତ୍ର ଅନୁଯାୟୀ କୁରୁକ୍ଷେତ୍ରର ସୀମା

ଦକ୍ଷିଣେନ ସରସ୍ୱତ୍ୟା ଦୃଷଦ୍ୱତ୍ୟୁରେଣ ଚ ।

ଯେବସନ୍ତି କୁରୁକ୍ଷେତ୍ରେ ତେବସନ୍ତି ତ୍ରିବିଷ୍ଟପେ ।। (ମାହା, ତୀର୍ଥ ୮୩ଅ ୪ ଶ୍ଳୋକ)

ବ୍ୟାସଙ୍କ ଉକ୍ତି ପ୍ରକାରେ- ଯେଉଁମାନେ ସରସ୍ୱତୀ ଜଳଧାରର ଦକ୍ଷିଣରେ ଏବଂ ଦୃଷଦ୍‌ବତୀ ଜଳଧାରର ଉତ୍ତର ପାର୍ଶ୍ୱରେ ବସବାସ କରେ, ସେମାନେ ସ୍ୱର୍ଗରେ ବାସ କଲାପରି କରନ୍ତି ।

ସରସ୍ୱତୀ ଜଳାଧାର –

ସୃଷ୍ଟିର ଚଳପ୍ରଚଳ କାଳରେ ନା ନିର୍ଣ୍ଣୟ ସିନ୍ଧୁ ପ୍ରକାରେ ବା ମଧୁକୃଷ୍ଣ ତ୍ରୟୋ-ଦଶାଂ ଶନୌ ଶତଭିଷା ଶୁଭ ଯୋଗରେ ଋଷିଗଣଙ୍କ ବାରୁଣୀ ଯଜ୍ଞରୁ ପଦ୍ମନାଭ ଗିରି ପାଦଦେଶରେ କୂଲ୍ୟା (ମୁହାଁଇବାର) ସୃଷ୍ଟି ହୋଇଥିଲା । କୂଲ୍ୟା ଜଳ ସିଦ୍ଧ ସକାଶେ ସରସ ହୋଇ ସରସ୍ୱତୀ ନାମ ଧାରଣ କରିଥିଲା । କୁଣ୍ଡର ସ୍ଥିର ଜଳ ଯୋଗୁଁ ଏବଂ କୂଲ୍ୟା ରୂପ ଧାରଣର ଯୋଗୁଁ, ଋକ୍ ବେଦ କୂଲ୍ୟା ପ୍ରକ୍ରିୟାକୁ ବାରମ୍ବାର ନମସ୍କାର କରି କହେ –

ଓମ୍ ନମୋଃ କୂଲ୍ୟାୟ ଚ ସରସାୟ ଚ ।
ଓମ୍ ନମୋଃ ନାଦୟାୟ ଚ ବୈଶୋନ୍ତାୟ ଚ ॥

ପୁନଃ ଶ୍ରୀମଦ୍ ଭାଗବତ (୩/୨୨/୨୭ ଏବଂ ୩/୧୬/୧୩) ଶ୍ଳୋକରେ ବ୍ୟାସଦେବ ବର୍ଣ୍ଣନା କରି କହିଛନ୍ତି ।

ଦୃଷଦ୍‌ବତୀ ସୀମା –

ଦୃଷ୍ ଧାତୁରୁ ଅତ୍ ପ୍ରତ୍ୟୟ ହୋଇ ଦୃଷଦ୍‌ବତୀ ପଦ ସିଦ୍ଧ ଅଟେ । ଏଣୁ ଜଳଧାର ପୂରାପୁରି ମହେନ୍ଦ୍ର ତନୟା ଜଳଧାରକୁ ଆଧାର କରି ବଂଶଧାରା ଜଳ ଶ୍ରୋତକୁ ସୂଚାଏ ଏବଂ ଏହି ମଧ୍ୟସ୍ଥ ଭୂଭାଗ କୁରୁକ୍ଷେତ୍ର ଅଟେ କାରଣ ରାଜା କୁରୁ ହଳ କରିବା କାଳେ ନିମ୍ନ ଶ୍ଳୋକ ମତେ, ଚାରିଦ୍ୱାରର ବର୍ଣ୍ଣନା ରହିଛି ।

ମାହାତୀର୍ଥ ପ୮୩ଅ, ୨୦୮ ଶ୍ଳୋକରେ ବର୍ଣ୍ଣିତ –

ତରନ୍ତୁକାରନ୍ତୁ କୟୋ ର୍ଯ୍ୟଦନ୍ତରଂ
ରାମହ୍ଲାଦାନାଂ ଚ ମଚକ୍ରୁକସ୍ୟ ଚ
ଏତତ୍ କୁରୁକ୍ଷେତ୍ର ସମନ୍ତ ପଞ୍ଚକଂ
ପ୍ରଜାପତେରଉରବେଦି ରଚ୍ୟତେ ॥

ତରନ୍ତୁକ, ଅରନ୍ତୁକ, ରାମହ୍ଲାଦ ଓ ମଚକ୍ରୁକ, ଏପରି ଚାରି ଦ୍ୱାରର ମଧ୍ୟବର୍ତ୍ତୀ କ୍ଷେତ୍ରରେ ଯେଉଁ ଭୂଭାଗ ରହିଛି, ତାହାହିଁ କୁରୁକ୍ଷେତ୍ର । କ୍ଷେତ୍ର ପୁଣି ସମନ୍ତ ପଞ୍ଚକ ତଥା ପିତାମହ ବା ପ୍ରଜାପତିଙ୍କ ଉତ୍ତର ବେଦି ରୂପେ ପରିଚିତ । (ମହାଭାରତ ଗଦାପର୍ବ ୫୩, ୨୪ ଶ୍ଳୋକ) ।

ଓଡିଶା ପ୍ରଦେଶର ଅବିଭକ୍ତ ଗଞ୍ଜାମ ବା ଆଜିର କନ୍ଧମାଳ ଜିଲ୍ଲାରେ ଥିବା ପଦ୍ମନାଭ ଗିରି ଯଜ୍ଞ କୁଣ୍ଡରୁ ହୋଇଥିବା ଜଳ ସ୍ରୋତର ଉତ୍ପତ୍ତି ପରି, ଏଠାରେ ଋଷ୍ୟମାଳ ପାର୍ବତ୍ୟାଞ୍ଚଳ ମଧ୍ୟରୁ ଅନେକ ଜଳ ସ୍ରୋତର ଉତ୍ପତ୍ତି କ୍ଷେତ୍ର ସମୁଦାୟର ଜଳସ୍ରୋତର ପୂର୍ବ ଦିଗରେ ମିଳନ ହୋଇ, ଦୁଇ ସ୍ରୋତରେ ପ୍ରବାହିତ । ସମ୍ମୁଖରୁ ମନ୍ଦାକିନୀ ସ୍ରୋତ ତଥା ତୁଙ୍ଗଭଦ୍ରା ସ୍ରୋତ ପ୍ରଚଳିତ ନାମେ ପରିଚିତ । ମନ୍ଦାକିନୀ ସ୍ରୋତ ଉତ୍ତର ପାର୍ଶ୍ୱରେ ପ୍ରବାହିତ ହୋଇ ଆଦିପଙ୍କ ଜନପଦଠାରେ ଦୁଲୁରି ବା ଆରୁଣା ସରସ୍ୱତୀ ସହ ମିଳନ ପରେ ଗମ୍ଭାରିଗୁଡ଼ା ଜନପଦ ଆଡ଼କୁ ପ୍ରବାହିତ । ତଥା ଏଠାରୁ ତୁଙ୍ଗଭଦ୍ରା ନାମେ ସ୍ରୋତ ଉକ୍ତ ଗିରି ସୃଷ୍ଟି ହୋଇ ବିଶାଳ ପାତାଳପୁରୀ ଦେଇ ୩୦ କି.ମି ଦୈର୍ଘ୍ୟ ପରେ ଗମ୍ଭାରିଗୁଡ଼ାଠାରେ ଏକତ୍ର ଅଟନ୍ତି । ଋଷିକୂଲ୍ୟା ବୋଲାଇବା ପରେ ବାସୁକୀ ଯୋଡ଼ି ନାଳ ସହିତ ରାମନାମ ବାଡ଼ିଠାରେ ମିଳନ ହେବାପରେ, ଝିଙ୍ଗିସିବାଡ଼ି ଦେଇ ଆସୁଥିବା ଅର୍ଦ୍ଧାଙ୍ଗୀ ନାଳ ରଜନୀମେକାଂ ଗିରି ସମୀପ ତଥା କରଡ଼ା ଜନପଦ କ୍ଷେତ୍ରରୁ କରଡ଼ା ବା ଦେବହୂତୀନାଳ ବାହାରି ପେରଜ ମୌଜା ଅନ୍ତର୍ଗତ ସାପୁଆପଲ୍ଲୀଠାରେ ମୁହାଣ ସରସ୍ୱତୀ କ୍ଷେତ୍ରରେ ସୃଷ୍ଟି ଅଟେ । ଉଭୟ ସ୍ରୋତର ମିଳନର କାରଣ ଭଗବାନ କପିଳ କ୍ଷେତ୍ରଟି ତୀର୍ଥ ପ୍ରଭାବିତ କରିଥିଲେ ଏବଂ ଏହି ତୀର୍ଥର ରକ୍ଷକ ରୂପେ ତରନ୍ତୁକ ଯକ୍ଷଙ୍କୁ ବରୁଣ ଦେବତା ରକ୍ଷକ ରୂପେ ନିଯୁକ୍ତି ଦେଇ ଆସିଛନ୍ତି । ମାତା

ଦେବହୂତୀଙ୍କ ଏହା ପୁଣି ତାରଣ କ୍ଷେତ୍ର । ଶ୍ରୀମଦ୍ ଭାଗବତ ସ୍କନ୍ଦ ୩/୨୧/୨୯ ଅଧ୍ୟାୟ ପାଠ କରି କ୍ଷେତ୍ର ପରିଚୟ ଜାଣିବା ଉଚିତ୍ ।

**ମଚକ୍ରୁକ କ୍ଷେତ୍ର –**

ତରନ୍ତୁକ କ୍ଷେତ୍ରର ପୂର୍ବ ପାର୍ଶ୍ୱ ତଥା କୁରୁକ୍ଷେତ୍ରର ଉତ୍ତର ପାର୍ଶ୍ୱରେ କ୍ଷେତ୍ରଟି ସ୍ଥିତି । ଏତଦ୍ ବ୍ୟତୀତ ମଧୁକୈଠଭଙ୍କ ମେଦରୁ ଗଠନ ହୋଇଥିବା ମେଦିନୀର କେନ୍ଦ୍ର ସ୍ଥଳି ଅଟେ । କବିମାନଙ୍କ ବିଚାରରେ ସ୍ଥଳଟି ମେରୁ ବା କାଳଜୟୀ ଅଟେ । ପୃଥିବୀକୁ ହିରଣାକ୍ଷ ପାତାଳି କରିଦେଇଥିବା ସ୍ଥଳେ ବରାହ ଭଗବାନ ଏହାର ଉଦ୍ଧାର କରି ଏଠାରେ ସ୍ଥାପନା କରି ନିଜ ଆଧାର ଶକ୍ତିକୁ ପ୍ରୟୋଗ କରିଥିଲେ । ମହାଶାନ୍ତି ୩୩୯ ଅଧ୍ୟାୟ ୯ ଶ୍ଳୋକରେ ବର୍ଣ୍ଣିତ- ଧର୍ମ ଓ ମୂର୍ତ୍ତିଙ୍କଠାରୁ ନର ନାରାୟଣ, କୃଷ୍ଣ, ହରିଙ୍କ ଏଠାରେ ପ୍ରକଟ ହୋଇଥିଲା । ସମୁଦ୍ର ମନ୍ଥନ ଏଠାରେ ହୋଇଥିଲା । ଏହା ସପ୍ତସାରସ୍ୱତ୍ୱ ତୀର୍ଥ ତଥା ମହର୍ଷି ମକଣଙ୍କ ନୃତ୍ୟ ସ୍ଥଳି । ଏପରିକି ଏହି ଆଧ୍ୟାତ୍ମିକ କ୍ଷେତ୍ରରେ ଅନେକ ଘଟଣା ଘଟିଛି । ରାଜା ବିରାଟଙ୍କ ସାସନ କ୍ଷେତ୍ର ଥିଲା । ନୈମିଶାରଣ୍ୟ ଅନ୍ତର୍ଗତ କାମ୍ୟକ ବନ ବୋଲାଉଥିଲା । ପାଣ୍ଡବମାନେ ଏଠାରେ ଗୁପ୍ତ ବନବାସ ଏକ ବର୍ଷ ପାଳନ କରିଥିଲେ । ଶ୍ରୀମଦ୍ ଭାଗବତରୁ ଜଣାଯାଏ ଯେ ରାଜା ପ୍ରିୟବ୍ରତ ଏଠାରେ ୧୧ ଅର୍ବୁଦ କାଳ ରହି ପୃଥିବୀ ଶାସନ କରିଥିବା ଭାଗବତ (୫/୧/୨୬ଶ୍ଳୋକରୁ ଜଣାଯାଏ) । ଏହି କ୍ଷେତ୍ରରେ ଛାୟାଗ୍ରହ ରାହୁ କେତୁଙ୍କ ଉତ୍ପତି ହୋଇଥିଲା । କ୍ଷେତ୍ରଟି ଏକଚକ୍ରୀ ନଗରୀ ଥିଲା । ମହାବଳୀ ଭୀମ ବ୍ରାହ୍ମଣ ପରିବାରକୁ ସୁରକ୍ଷା ଦେବା ଆଳରେ ମଣ୍ଡାସୁର, କିଚକ ଆଦିଙ୍କୁ ମାରିଥିଲେ ।

ଖ୍ରୀଷ୍ଟାବ୍ଦ ୩୦୩ ପୂର୍ବରୁ ମଚକ୍ରୁକ ଯକ୍ଷାଞ୍ଚଳ କଣ ଥିଲା ପରିବେଶବିତ୍ ଜୟଦେବ ଗୀତ ଗୋବିନ୍ଦ ଗ୍ରନ୍ଥରେ ରଚନା କରି କହି ଯାଇଛନ୍ତି । ମଚକ୍ରୁକ କ୍ଷେତ୍ରକୁ ସରସ୍ୱତୀ ବା ଋଷିକୂଲ୍ୟା ସ୍ୱର୍ଶ କଲାବେଳକୁ ତରନ୍ତୁକ କ୍ଷେତ୍ରରୁ ଏଥିରେ ବାନ୍ଥୁଳି, ପଦ୍ମାନଦୀ, ଜରଉ ନଦୀ, ଲୋହରାଖଣ୍ଡି, ବଡ଼ନଦୀ, ବାଘୁଆ, ଧନେଇ, ଖରଖରି ସହିତ ଆହୁରି ଅନେକ ଅନାମଧେୟ ଜଳ ସ୍ରୋତ ମିଶିଛି ।

**ଗଙ୍ଗାଦ୍ୱାର** – ଋଷିକୂଲ୍ୟାସରସ୍ୱତୀ ଜଳଧାର ଗର୍ଭରେ ଗଙ୍ଗାଦ୍ୱାର କ୍ଷେତ୍ରର ସ୍ଥିତି ରହି ଆସିଛି । ଆଜିର ତାରାତାରିଣୀ ବା କାମ୍ପିଲ୍ୟ ପାହାଡର ପାଦ ଦେଶରେ । ସରସ୍ୱତୀ ଜଳଧାର ଏଠାରୁ ଆଛ ସ୍ୱରୂପ ଆଗକୁ ଅଗ୍ରସର ହୋଇଥିଲା । ବର୍ତ୍ତମାନ ଯେଉଁ ଜଳଧାରଟି ପ୍ରବାହିତ, ଏହି ଧାର ସମୁଦ୍ର ମଧ୍ୟରେ ଥିବା ଏକ ଟାପୁ ପର୍ଯ୍ୟନ୍ତ ଥିଲା ଏବଂ ଦୈର୍ଘ୍ୟ ମଧ୍ୟ ଥିଲା ପ୍ରାୟ ୩୦ କି.ମି । ଯାହାର ନାମ ଗଙ୍ଗାଧାର । କିନ୍ତୁ ଏଠାରୁ ଯମୁନା ଧାରର ସୃଷ୍ଟି ହୋଇ ମଚକ୍ରୁକ କ୍ଷେତ୍ରକୁ ସ୍ୱର୍ଶ କରିଥିଲା । ଏଣୁ ସରସ୍ୱତୀ ଜଳଧାରରୁ ଆଛ ସ୍ୱରୂପ ଦୁଇ ଧାର ଉତ୍ପତି କାରଣରୁ ଆଛୁଲି ନାମରେ ଏକ ଜନପଦ ଏଠାରେ ସ୍ମରଣୀୟ ହୋଇ ରହିଆସିଛି । ଗଙ୍ଗା ଯମୁନା ଉଭୟ ଧାର ମଧ୍ୟରେ ମହାରାଜ ପୃଥୁଙ୍କ ଥିବା ଶାସନ କ୍ଷେତ୍ରରେ ବାସ କରି ନିଜକ ପୂଣ୍ୟକର୍ମ କ୍ଷୟ ଇଚ୍ଛାରେ ପ୍ରାରବ୍ଧରୁ ହୋଇ ଆସିଥିବା ପ୍ରାପ୍ତିକୁ ହିଁ ମାହାରାଜା ପୃଥୁ ଭୋଗକରୁଥିଲେ । (ଭା.ପୁ ୪/୨୧/୧୧) ।

ମହାରାଜା ପୃଥୁଙ୍କ ସମୟରେ କେବଳ ଗଙ୍ଗା ଯମୁନାର ସ୍ଥିତି ନଥିଲା । ଏହାଙ୍କ ସ୍ଥିତି ଦକ୍ଷ ପ୍ରଜାପତିଙ୍କ କାଳରୁ ଏଠାରେ ରହି ଆସିଛି । ଭାଗବତ ୪/୩/୩୪-୩୫ ଶ୍ଳୋକରେ ବର୍ଣ୍ଣନା ନିମ୍ନ ମତେ ରହିଛି । କୁହାଯାଇଛି ଯେଉଁଠାରେ ପ୍ରଜାପତି ଦକ୍ଷ, ଯଜ୍ଞ କରୁଥିଲେ ସେଥିରେ ପୁରୁଷୋତ୍ତମ ଶ୍ରୀହରି କେବଳ ଉପାସ୍ୟ ଦେବତା ଥିଲେ ଏବଂ ଏକ ହଜାର ବର୍ଷ ଯାଏଁ ଚାଲୁ ରହିଥିବା ଯଜ୍ଞ ସମାପ୍ତ ପରେ ପ୍ରଜାପତିଗଣ ଗଙ୍ଗା ଯମୁନା ସଙ୍ଗମକୁ ଆସି ଯଜ୍ଞାନ୍ତ ସ୍ନାନ କରିଥିଲେ ।

**ଯମୁନା ଧାରର ସ୍ଥିତି –**

ମହା, ଚୈତ୍ର ପର୍ବ ଅଧ୍ୟାୟ ୧୬୯ ଶ୍ଳୋକ ୧୯, ୧/୨ରେ ବର୍ଣ୍ଣନା- ଗଂଗାଚ, ଯମୁନା ଶ୍ଚୈବ ପ୍ଲକ୍ଷ ଯାତଂ ସରସ୍ଵତୀ, ଏହି ଶ୍ଳୋକରୁ ଜଣାଯାଏ ସରସ୍ଵତୀଙ୍କ ଦୁଇ ପ୍ଲକ୍ଷ ଯାତ ସ୍ରୋତ ଅଟେ । ବର୍ତ୍ତମାନ ପ୍ଲକ୍ଷ ଯମୁନାର ମଚକୁକ କ୍ଷେତ୍ରକୁ କିପରି ସ୍ୱର୍ଶ କରିଥିଲା ? ଯମୁନା ଧାରଟି ଆଛ କ୍ଷେତ୍ରରୁ ବାହାରି ପ୍ଲକ୍ଷ ଦିଗରେ ଥିବା ବଡ ପଦର, ଖଣ୍ଡ ଦେଉଳି, କୁଶପୁର, କଳାଯମୁନା, ହୁମା, ସୁବଳୟା, କଂଟିଆଗଡ଼, ବଟେଶ୍ୱର, ଅରୁଣପୁର, ଅଳେଶ୍ୱର, ନନ୍ଦଲା, ରାମଲଙ୍କା, ବ୍ରାହ୍ମଣପାଦ ହୋଇ ମଚକୁକ ସ୍ୱର୍ଶ କରିଥିଲା । ଦୁର୍ଭାଗ୍ୟ ଏହିକି ଯେ ଏହି ଯମୁନା ଧାରଟି ଲାଗେ ଲାଗେ ହୋଇଥିବା ଚିଲିକା କ୍ଷେତ୍ରରେ ରକ୍ତବାହୁ ଚକ୍ରବାହୁ ସୁନାମୀ ଯୋଗୁଁ ଲୋପ ପାଇଯାଇଛି ।

ବ୍ୟାସଦେବ ପୁତ୍ର ଧୃତରାଷ୍ଟ୍ରଙ୍କ ଜୀବନର ଶେଷ ଇଛା ପୂର୍ଣ୍ଣ କରିବା ପାଇଁ ପବିତ୍ରତା ତଥା ଦିବ୍ୟତାର କ୍ଷେତ୍ର ଗଙ୍ଗାଦ୍ୱାର ଯିବାକୁ କହିଥିଲେ । ଗନ୍ଧମାଦନ ଗିରି ( ଜଉଗଡ଼) ତଥା କାମ୍ପିଲ୍ୟ ଗିରି (ତାରାତାରିମୀ ପାହାଡ଼) ମଧ କ୍ଷେତ୍ର ଗଙ୍ଗା ଦ୍ୱାରକୁ ଯିବାକୁ କହିଥିଲେ । (ଆଶ୍ରମ ବାସିକ ପର୍ବ, ମହା ୧୯ ଅଧ୍ୟାୟ) । ବର୍ତ୍ତମାନର ମଞ୍ଜୁଷା ଜନପଦରେ ଥିବା ରାଜର୍ଷି ଶତଯୁପଙ୍କ ଆଶ୍ରମକୁ ଆସି ଏହି ଗଙ୍ଗାଦ୍ୱାରଠାରେ ଧୃତରାଷ୍ଟ୍ର, ପିତାଙ୍କଠାରୁ ଦିବ୍ୟଚକ୍ଷୁ ପାଇ, ନିଜର ଏକଶତ ପୁତ୍ରଙ୍କ ସହ ରଥି, ମହାରଥି, ତଥା ମୃତ ଅଧିରଥିମାନଙ୍କୁ ଜୀବିତ ରୂପରେ ଦେଖି ପାରିଥିଲେ । ଏଠାରେ ବ୍ୟାସଦେବ ଭାଙ୍ଗକୁମରଡ଼ ରୂପେ ଜୀବିତ ତଥା ଏହି ଗଙ୍ଗା ଦ୍ୱାର କ୍ଷେତ୍ରରେ ରହି ଆର ପାରିରେ ଥିବା ଲୌକିକ (ଖ), ଶୂନ୍ୟ ମଣ୍ଡିରେ ଏକତ୍ରିତ ରୂପେ ରହିଥିବା ଆତ୍ମା ଗୁଡିକୁ ଆହ୍ୱାନ କରିଥିଲେ । ଉକ୍ତ କ୍ରମରେ ସଜୀବ ରୂପରେ ମୃତ ବ୍ୟକ୍ତିମାନେ ସେଠାରେ ଉଭା ହୋଇଥିଲେ ଏବଂ ଏଥକୁ ସମ୍ପର୍କଥାଇ ରଣଝାଲ୍ଲୀ, ଦୂରବନ୍ଧ, ଗଣ୍ଡଳା, ଭାବନ୍ଧ,ଧୋବାଡ଼ି, ଆହାଙ୍ଗୁ ସୁନାଥର, ହୁଣ୍ଡତ, ହତାପୁର ଆଦି ଜନପଦ ସ୍ମରଣୀୟ ରୂପେ ରହିଛି ।

**ରାମହ୍ଲଦ ଦ୍ୱାର-**

ସମୁଦାୟ କୁରୁକ୍ଷେତ୍ର ଦକ୍ଷିଣ ପାଶ୍ୱରେ ରାମହ୍ଲଦ ଦ୍ୱାରଟି ରହିଛି । ଏହିଦ୍ୱାର କ୍ଷେତ୍ରରେ ମଧ ଜଣେ ବଳବାନ ଯକ୍ଷ ରହିଛନ୍ତି । କ୍ଷେତ୍ରଟି ଆଜିର ପାତ୍ରପୁର ବ୍ଲକରେ ଥିବା ପୁରିଆ ସାହି ବା ତୁମ୍ବା ଜନପଦ ସମିପରେ ରହିଛି । ଏଠାରେ ଭୃଗୁବଂଶୀ ବୀର ଭଗବାନ ପର୍ଶୁରାମ ପୃଥିବୀକୁ ଏକବିଂଶବାର ପରିକ୍ରମା କରି ଲୁଚିରହିଥିବା ଶେଷ ଶତ୍ରୁଙ୍କୁ ବଳି ପକାଇ ତାଙ୍କର ରକ୍ତରେ ପିତୃଜନଙ୍କୁ ତର୍ପଣ କରିଥିଲେ । ବିଷୟଟି ନିମ୍ନମତେ ଥିଲା ।

**ଦ୍ୱାରକ୍ଷେତ୍ର ପ୍ରସ୍ତୁତି ପୂର୍ବରୁ –**

କାଳର କରାଳତା ମଧରେ ଭଗବାନ ଦତ୍ତାତ୍ରେୟଙ୍କ ବରପ୍ରାପ୍ତ ହୋଇ ପୃଥିବୀ ପତି କାର୍ତ୍ତବୀର୍ଯ୍ୟ ସହସ୍ରାର୍ଜୁନ ଗର୍ବିତ ହୋଇ ପଡିଥିଲେ ।

ଆଜିର ଗଞ୍ଜାମ ଜିଲ୍ଲାର ଛତ୍ରପୁର ବ୍ଲକ ଅନ୍ତର୍ଗତ ଚିକଲଖଣ୍ଡି, ବିପୁଲିଙ୍ଗି ତଥା ଭୀକାରୀପଲ୍ଲୀ ପଞ୍ଚାୟତ ଅନ୍ତର୍ଗତ ବିରିସିଙ୍ଗି ବୀରସିଂହପୁର ବା ମହିସ୍ମତୀ ପୁରୀ ନାମେ ଖ୍ୟାତ ଥିଲା । ସହସ୍ରାର୍ଜୁନ ଏଠାରେ ରହି ଶାସନ କରୁଥିଲେ । ଦିନେ ଅର୍ଜୁନ ସସୈନ୍ୟ ଶୀକାରକୁ ଯାଇ ମହେନ୍ଦ୍ରସ୍ଥ ଜମଦଗ୍ନି ଆଶ୍ରମରେ ପହଞ୍ଚି ମହର୍ଷିଙ୍କ ଦ୍ୱାରା ଅପୁର୍ବତାର ସହ ସତ୍କାରିତ ସମସ୍ତେ ହୋଇ ପାରିଥିଲେ । ସୁସ୍ୱାଦୁ ଖାଦ୍ୟ ପ୍ରସ୍ତୁତିର ରହସ୍ୟ ଜାଣିବା ପରେ ସମ୍ରାଟ ଗୋମାତା ସୁରଭିଙ୍କୁ ବଳ ପୂର୍ବକ ସୈନ୍ୟଙ୍କ ଦ୍ୱାରା ଧରି ରାଜଧାନୀ ଆଡକୁ ନେଉଥିଲେ ।

ପର୍ଶୁରାମ ଆଶ୍ରମକୁ ଫେରି ମା'ଙ୍କଠାରୁ ଘଟଣାର ବିଷୟ ଜାଣିବା ପରେ କ୍ରୋଧ ଜର୍ଜରିତ ହୋଇ ପର୍ଶୁଧରି ସମ୍ରାଟଙ୍କ ପଛେ ପଛେ ଗୋଡାଇଥିଲେ । ବଳରାମପୁରଠାରେ ଘୋର ସମର ଆରମ୍ଭ ହୋଇଥିଲା । ସସୈନ୍ୟଙ୍କ ସହ ସମ୍ରାଟଙ୍କୁ ପର୍ଶୁରାମ ହତ୍ୟା କରି ଗୋମାତା ସୁରଭିଙ୍କୁ ସାଥିରେ ଘେନି ଫେରିଥିଲେ । ସହସ୍ରାର୍ଜୁନଙ୍କ ସହସ୍ର ସନ୍ତାନ ପର୍ଶୁରାମଙ୍କ ଆକ୍ରମଣରେ ଭୟଭୀତ ହୋଇ ନଗର ମଧ୍ୟରୁ ପଦାକୁ ବାହାରି ନଥିଲେ ସତ କିନ୍ତୁ ପିତୃହତ୍ୟାର ପ୍ରତିଶୋଧ ନେବାକୁ ଅହରହ ଚେଷ୍ଟିତ ଥିଲେ ।

ଦିନେ ମହେନ୍ଦ୍ରଗିରି ସ୍ଥିତ ଆଶ୍ରମରେ କେବଳ ମହର୍ଷି ଜମଦଗ୍ନି ବ୍ୟତୀତ ଅନ୍ୟ କେହି ନଥିବା ଦେଖି ତଥା ମହର୍ଷିଙ୍କ ତପ କାଳରେ ସହସ୍ରାର୍ଜୁନଙ୍କ ସନ୍ତାନଗଣ ଲୁଚି ଛପି ମହର୍ଷି ସମୀପ ହୋଇ ଖଣ୍ଡା ଦ୍ୱାରା ଗଣ୍ଡିରୁ ମଥାକୁ ଏକା ଚୋଟରେ ଅଲଗା କରିଦେଇତଥିଲେ । ତଦ୍ୱାରା ମଥା ଯେଉଁ ସ୍ଥାନରେ ଯାଇ ପଡିଥିଲା, ସେହି କ୍ଷେତ୍ର ସ୍ଥଳଟି ଆଜି ଜିରାଙ୍ଗ ବା ଜରାଅଙ୍ଗ ରୂପେ ସ୍ମରଣୀୟ । ପିତାଙ୍କ ହତ୍ୟା ବିଷୟରେ ସମସ୍ତ କଥା ଜାଣିବା ପରେ କ୍ରୋଧର ସୀମ ପର୍ଶୁରାମଙ୍କଠାରେ ରହିଲା ନାହିଁ । ସେହି ମହେନ୍ଦ୍ର ଆଶ୍ରମଠାରେ ହିଁ ସଂକଳ୍ପ ଘୋଷଣା କରି କହିଥିଲେ, କ୍ଷତ୍ରିୟମାନଙ୍କୁ ବ୍ରାହ୍ମଣଙ୍କ ଶତ୍ରୁ ବିଚାର କରି ପୃଥିବୀ ବକ୍ଷରେ ଥିବା ସମସ୍ତ କ୍ଷତ୍ରିୟଙ୍କୁ ନିପାତ କରିବି । ଏପରି ସଂକଳ୍ପ କରି ବୀରସିଂହପୁର ଆଡାକୁ ପର୍ଶୁ ଧରି ଯାତ୍ରା କରି, ସେଠାରେ ଥିବା ସମସ୍ତ କ୍ଷତ୍ରିୟଙ୍କ ସହ ସହସ୍ରାର୍ଜୁନଙ୍କ ସନ୍ତାନଗଣଙ୍କୁ ହତ୍ୟା କରି, ନଗରଟିକୁ ଡିହ କରିଥିବା କାରଣକୁ ନେଇ ସେହି କ୍ଷେତ୍ର ସମୀପରେ ନଗରଡିହ ନାମରେ ଏକ ଜନପଦ ସ୍ମରଣୀୟ ହୋଇ ରହିଛି । ବିରିସିଙ୍ଗି ଅଞ୍ଚଳଟି ଯଦି ଖୋଲାଯିବ ତେବେ ସେଥିମଧ୍ୟରୁ କୁଢ଼ କୁଢ଼ ଅସ୍ଥି ସହ ବିଭିନ୍ନ ପ୍ରକାରର ସମ୍ପଦ ସହ ହୀରାନୀଳାଦି ହଜାର ହଜାର କୋଟି ଟଙ୍କାର ପ୍ରାପ୍ତ ହୋଇପାରିବ । କେବଳ ନଗର ଡିହ ବ୍ୟତୀତ ସେହି ସମୟର କାର୍ଯ୍ୟ କଳାପକୁ ଆଧାର କରି ଜନପଦ ଗୁଡିକ ସେଠାରେ ଗଢ଼ିଉଠିଛି । ଯଥା- ଟାଙ୍ଗମାପଲ୍ଲୀ, ଭୀକାରୀପଲ୍ଲୀ, ସମାନ୍ତରାପୁର, ସିନ୍ଦୁରପୁର, ଅନ୍ଧାରିଆ, ଦିବ୍ୟସିଂହପୁର, ନରସିଂହପୁର, ଜଗନ୍ନାଥପୁର ଆଦି ସ୍ମରଣୀୟ ହୋଇ ରହିଆସିଛି ।

ବୀରସିଂହପୁର ବା ମହିଷ୍ମତୀପୁରୀ ସହସ୍ରାର୍ଜୁନଙ୍କ ନଗର ସମୁଦାୟକୁ ଧ୍ୱଂସବିଧ୍ୱସ୍ତ କରିବା ସମୟରେ ଅର୍ଜୁନଙ୍କ ପାଞ୍ଚପୁତ୍ର ଯଥା – ଜୟଧ୍ୱଜ, ଶୂରସେନ, ବୃଷଭ, ମଧୁ ଓ ଅର୍ଜିତ ଏପରି ସନ୍ତାନଗୁଡିକ ଭୟରେ ଲୁଚି ଯାଇଥିଲେ । ଲୁଚି ରହିଥିବା କ୍ଷତ୍ରିୟଙ୍କୁ ସଂକଳ୍ପିତ ପର୍ଶୁରାମ ଖୋଜିବାକୁ ବାଧ ହୋଇଥିଲେ । ଏଣୁ ଏକବିଂଶଥର ପୃଥିବୀ ପରିକ୍ରମା କରି ସେମାନଙ୍କୁ ଧରି ପାରିଥିଲେ ଏବଂ ଉକ୍ତ ପାଞ୍ଚଜଣଙ୍କୁ ଏକ କାଳୀନ ଧରି ଓଟାରି ଓଟାରି ଏହି କ୍ଷେତ୍ରକୁ ଆଣିଥିଲେ ଏବଂ ଜଣ ଜଣକୁ ହତ୍ୟା କରିଥିଲେ । ସେମାନଙ୍କ ରକ୍ତକୁ ଗୋଟିଏ ଗୋଟିଏ ତମ୍ବା ପାତ୍ରରେ ସଂଗ୍ରହ କରିଥିଲେ । ପାଞ୍ଚଟି ପାତ୍ରରେ ରକ୍ତ ସଂଗ୍ରହ କରିବା ପରେ ପିତୃଜନଙ୍କ ଉଦ୍ଦେଶ୍ୟରେ ସମର୍ପଣ କରି ପର୍ଶୁରାମ ଅତ୍ୟନ୍ତ ଆନନ୍ଦ ଅନୁଭବ କରିଥିବା କାରଣକୁ ନେଇ, ଦ୍ୱାର କ୍ଷେତ୍ରନାମ ରାମହ୍ଲାଦ ନାମେ ସ୍ମରଣୀୟ ।

**ଅରନ୍ତୁକ ଦ୍ୱାର-**

ଏହି ଅରନ୍ତୁକ ଦ୍ୱାର କୁରୁକ୍ଷେତ୍ରର ସ୍ଥଳଭାଗରେ ନ ରହି ସାଗର ମଧ୍ୟରେ ଆଜି ଅଗ୍ନି କୋଣ ଆଡକୁ ସାମାନ୍ୟ ରହିଛି । ଅଗ୍ନିକୋଣର ସାଗର ମଧ୍ୟରେ ରହିଛି ଏକ ବିଶାଳ ଟାପୁ । ଗଙ୍ଗଦ୍ୱାରରୁ ଯେଉଁ ସରସ୍ୱତୀଙ୍କ ପ୍ଲକ୍ଷର ଗଙ୍ଗା ଧାରଟି ଏହି ଟାପୁକୁ ସ୍ପର୍ଶ କରିଥିଲା । ସରସ୍ୱତୀ ସାଗର ସଂଗମର ତୀର୍ଥ

କ୍ଷେତ୍ର ରୂପେ ଅତୀତରେ ଖ୍ୟାତ ଥିଲା ଏବଂ ଏହି ତୀର୍ଥକୁ ବହୁ ଲୋକ ଧର୍ମଲାଭପାଇଁ ଆସୁଥିବା ଶାସ୍ତ୍ରରେ ବର୍ଣ୍ଣିତ ।

ଶାସ୍ତ୍ରରେ ପୁଣି କୁହାଯାଇଛି, ଅତୀତରୁ କ୍ଷେତ୍ରଟି ମହାନ୍ ମହାନ୍ ଅସୁରଙ୍କ ପ୍ରଭାବରେ ଆସିଥିଲା । ଶେଷରେ ବୃତ୍ତାସୁର ନାମରେ ଏକ ଅସୁରର ପ୍ରଭାବ ଅତ୍ୟନ୍ତ ଗୁଢ଼ତର ହୋଇଥିଲା । ଏପରିକି ଇନ୍ଦ୍ରଦେବ ମଧ୍ୟ ହାର ମାନିଥିଲେ । ଭଗବାନ୍ ବିଷ୍ଣୁଙ୍କ ଆଦେଶ ପ୍ରକାରେ ବ୍ରହ୍ମର୍ଷି ଅଥର୍ବଙ୍କ ବିଦ୍ୱାନ ପୁତ୍ର ମହର୍ଷି ଦଧିଚିଙ୍କୁ ବଜ୍ର ନିର୍ମାଣ ପାଇଁ ତାଙ୍କ ଅସ୍ତି ମାଗିଥିଲେ । ସମାଜର ଜନ ମଙ୍ଗଳ ସକାଶେ ଅସ୍ଥି ଦାନ କରିବାକୁ ମହର୍ଷି ରାଜି ହୋଇଥିଲେ । ସେହି ଅସ୍ଥିରେ ବଜ୍ର ପ୍ରସ୍ତୁତ କରାଯାଇ, ବୃତ୍ତାସୁରକୁ ବଦ୍ଧ କରି ପରିବେଶକୁ ଉଦ୍ଧାର କରାଯାଇଥିଲା । ବୃତ୍ତାସୁରର ନିଧନପରେ, ତାର ଅନୁଗାମୀ ବା ସମର୍ଥକ କାଳେୟଅସୁରମାନେ ବିବ୍ରତ ହୋଇ ପଡିଥିଲେ ଏବଂ ରାତ୍ର କାଳରେ ବିଭିନ୍ନ ତପସ୍ୱୀ କ୍ଷେତ୍ରକୁ ଯାତ୍ରାକରି ଅତ୍ୟାଚାର କରିଲାପରେ ଫେରି ସମୁଦ୍ର ମଧ୍ୟରେ ଲୁଚି ଯାଉଥିଲେ । ଦିବା କାଳେ ଏପରି ସମୁଦ୍ରରେ ଲୁଚି ଯାଉଥିବା କାରଣରୁ ଦେବଗଣ କାଳେୟଙ୍କୁ ହତ୍ୟା କରିବା ସମ୍ଭବ ହୋଇପାରୁ ନଥିଲା ।

ଏପରି ଅସହାୟତାରେ ଦେବଗଣ ଅନ୍ୟ କୌଣସି ଉପାୟ ନ ଦେଖି, ବିଷ୍ଣୁଙ୍କ ନିକଟତର ହୋଇ ଗୁହାରି କରି ପ୍ରାର୍ଥନା ସ୍ୱରୂପ ଜଣାଇଥିଲେ । ସମସ୍ତ ବିଷୟକୁ ଅବଗତ ହେବା ପରେ ବିଷ୍ଣୁ ଉପଦେଶ ଛଳରେ ଦେବଗଣଙ୍କୁ କହିଥିଲେ- ସମସ୍ତେ ମହର୍ଷି ଅଗସ୍ତିଙ୍କ ନିକଟରେ ପ୍ରାର୍ଥନା ମାଧ୍ୟମରେ କୁହ ଯେ ସମୁଦ୍ର ଜଳ ସମୁଦାୟକୁ ପାନ କରିବାକୁ ହେବ । ସେ ଜଣେ ମହାତ୍ମା, ତୁମର ଗୁହାରୀ ଶୁଣି ସମୁଦ୍ର ଜଳକୁ ପାବ କରିଦେବେ । ଅକ୍ଲେଶରେ କାଳେୟଙ୍କୁ ଦେଖି ବଦ୍ଧ କରିପାରିବ । ଭଗବାନ ବିଷ୍ଣୁଙ୍କ ଉପଦେଶାତ୍ମକ ଆଦେଶକୁ ଦେବଗଣମାନେ ପାଳନ କରିଥିଲେ । ମୁନୀଙ୍କୁ ସମସ୍ତ ବିଷୟ ତାଙ୍କରି ଆଶ୍ରମରେ କହିଥିଲେ । ଦେବଗଣମାନଙ୍କ ମଙ୍ଗଳ ସକାଶେ ସମୁଦ୍ର ଜଳ ପାନ ପାଇଁ ରାଜି ହୋଇଗଲେ । ବର୍ତ୍ତମାନର ଟାପୁ ସମିପକୁ ମହର୍ଷି ଅଗସ୍ତି ଆସି ସମୁଦ୍ର ପାନ କରିବାରେ ବ୍ୟସ୍ତ ରହିଥିଲେ । ସମୁଦାୟ ସମୁଦ୍ର ଜଳକୁ ସାତ ଚଳୁକରି ଚୁଚୁମି କରି ସୁଖାଇ ଦେଇଥିଲେ । ଏତଦ୍ ପରେ ଲୁଚି ରହିଥିବା କାଳେୟଙ୍କୁ ଏଠାରେ ଦେବତାମାନେ ଅନ୍ତ ବା ଶେଷ କରିଥିବା କାରଣକୁ ନେଇ କ୍ଷେତ୍ରଟି ଅରନ୍ତୁକ ଅଟେ ।

ପଶ୍ଚିମରେ ବାତାପି ଇଲ୍ୱଳଙ୍କୁ ଉଦ୍ଧାର କରିବା ପରେ ଉତ୍ତର ପାର୍ଶ୍ୱରେ ବିନ୍ଧ୍ୟ ପର୍ବତ ବୃଦ୍ଧିକୁ ଆକଟ କରି ଦକ୍ଷିଣରେ ଏହି ଅରନ୍ତୁକ କ୍ଷେତ୍ରକୁ ଆସି ଆଶ୍ରମ କରିଥିଲେ । ଅଗସ୍ତୀ ମୁନିଙ୍କ ଆଶ୍ରମ ସମୀପରେ ବହୁ ଆର୍ଯ୍ୟ ବସବାସ କରୁଥିଲେ । ପରେ ପରେ ଅଗସ୍ତି ମୁନିଙ୍କ ଆଶ୍ରମ କ୍ଷେତ୍ରକୁ ଗୋଟିଏ ଗାଁ ରୂପେ ଚିତ୍ରଣ କରାଗଲା । ଶ୍ରୀରାମଙ୍କ ଦଣ୍ଡକାରଣ୍ୟ ଯାତ୍ରା କାଳରେ ରାମନାମ ବାଡି ବା ସତୀକ୍ଷ୍ଣଣ ମୁନୀଙ୍କ ଆଶ୍ରମଠାରୁ ୫ ଯୋଜନରେ ଆଶ୍ରମ ଥିବା ( ବା.ରା.ଅ.କା ୧୧ ସର୍ଗ ଶ୍ଳୋକ ୨୪, ୨୫ରେ ବର୍ଣ୍ଣିତ) କୁହାଯାଇଛି ।

ପାଣ୍ଡବମାନେ ଏକ ବର୍ଷ ଅଜ୍ଞାତବାସ କାଳେ ବିରାଟ ରାଜ୍ୟର ଶକ୍ତି, କିଚକକୁ ଭୀମସେନ ହତ୍ୟା କଲାପରେ ବିରାଟ ରାଜ୍ୟର ଗୋ ସମ୍ପଦକୁ ହରଣ କରି ନେଇଯିବାକୁ ଦୂର୍ଯ୍ୟୋଧନ ତ୍ରିଗର୍ଭ ରାଜା ସୁଶର୍ମା ସହ ମିଶି ଯୋଜନା କଲେ । (ବିରାଟ ଗୋହରଣ ପର୍ବ ଓ ୩୦ ଶ୍ଳୋକ ୨୫,୨୬) ବର୍ଣ୍ଣିତ ଯେ ବିରାଟ ନଗରୀକୁ ସୁଶର୍ମା ଅଗ୍ନିକୋଣ ଦିଗରୁ ସପ୍ତମି ତିଥିରେ ଆକ୍ରମଣ କରିଥିଲେ । ସୁଶର୍ମା ବ୍ୟତୀତ ଦୂର୍ଯ୍ୟୋଧନ ଉତ୍ତର ଦିଗରୁ ଗୋ ହରଣ ସକାଶେ ଆକ୍ରମଣ କରାଯାଇଥିବା (ମହାଭାରତ, ଅଧ୍ୟାୟ ୩୫ରେ) କୁହାଯାଇଛି ।

ବିଭିନ୍ନ ବର୍ଣ୍ଣନାରୁ ସୁସ୍ପଷ୍ଟ, ଦକ୍ଷିଣ କୁରୁରେ ଅରନ୍ତୁକ ସ୍ଥଳି ରହିଛି । ଅରନ୍ତୁକ କ୍ଷେତ୍ରରେ ମହର୍ଷି ଅଗସ୍ତ୍ୟଙ୍କ ଅଶ୍ରମ ଥିଲା । ଗୋ ହରଣ ସମ୍ପର୍କକୁ ନେଇ କୁରୁକ୍ଷେତ୍ର ଦକ୍ଷିଣ ପାର୍ଶ୍ୱରେ ମହାଭାରତ ଯୁଦ୍ଧ ପୂର୍ବରୁ, ଏକ ଅଭ୍ୟାସ ସଂଗ୍ରାମ ହୋଇଥିଲା । ସେହି ସଂଗ୍ରାମରେ ସୁଶର୍ମାର ବିଶାଳ ସେନା ସହିତ ବିରାଟ ରାଜା ସୈନ୍ୟ ତଥା ଚାରିପାଣ୍ଡବଙ୍କ ସଂପୃକ୍ତି ଥିଲା । କିନ୍ତୁ ଦୂର୍ଯ୍ୟୋଧନର ସମୂହ ଶକ୍ତି ସହ କେବଳ ଜଣେ ତଥା ମଧମ ପାଣ୍ଡବ ଅର୍ଜୁନଙ୍କ ସହ ସଂଗ୍ରାମ କରିଥିଲେ ଏବଂ ଜୟଯୁକ୍ତ ହୋଇପାରିଥିଲେ । ଆଜିକାଲି ଯୁଗରେ ଯେପରି ଯୁଦ୍ଧ ପୂର୍ବରୁ ଅଭ୍ୟାସ କରିଆସୁଛନ୍ତି ।

ମହାଭାରତର ଯେଉଁ ସଂଗ୍ରାମ କୌରବ ପାଣ୍ଡବଙ୍କ ମଧରେ ହୋଇଥିଲା, ସେହି ସଂଗ୍ରାମକୁ ନେଇ ତର୍ଜମା ତଥା ବିଚାର କରିବା କଥା । କାରଣ ସଂଗ୍ରାମ ପରି ସଂଗ୍ରାମ ମହାଭାରତର ନଥିଲା, ଥିଲା କେବଳ ସ୍ୱାର୍ଥପରତା ପଞ୍ଚଭୂତ ସ୍ଥିତି ଉପରେ । ପରିବେଶରେ ପ୍ରକୃତିସ୍ଥିତି ପଞ୍ଚଭୁତ ସଂସ୍କାରକୁ ନେଇ ସଂଗ୍ରାମ ଯଦି ହୋଇ ନଥାନ୍ତା ତେବେ ଗଣ୍ଡେ ଅନ୍ନ ଖାଉଛୁ କହି ଭୀଷ୍ମ, ଦ୍ରୋଣ, କର୍ଣ୍ଣ, ଶଲ୍ୟ, ଅଶ୍ୱସ୍ଥାମା ଆଦି କାହିଁକି ସ୍ୱାର୍ଥ ପକ୍ଷ ହୋଇ ମହାନ ପବିତ୍ର ଦକ୍ଷିଣ କୁରୁକ୍ଷେତ୍ରରେ ସଂଗ୍ରାମ କରିଥାନ୍ତେ ?

ଯେଉଁ କ୍ଷେତ୍ରରେ ନିଜର ବୋଲାଇଥିବା ବୀରଙ୍କୁ, ଷଡ଼ଯନ୍ତ୍ର ମୂଳକ ଭାବେ ହତ୍ୟା କରିଥିବା ସ୍ଥଳି ସର୍ବଦା କାଳକୁ ଅଦୃଶ୍ୟ ହୋଇଯିବା ଆବଶ୍ୟକ ମଣି ଅଭିମନ୍ୟୁ, ଘଟୋତ୍କଚ, ବବ୍ରୁବାହନ, ବେଲାଲସେନ ଆଦି ବୀରଙ୍କ ରକ୍ତ ଯେଉଁ କ୍ଷେତ୍ର ସ୍ଥଳିରେ ପଡିଛି, ସେହି ସ୍ଥଳିରେ ସେହି ଚିନ୍ତା ସର୍ବଦା ପ୍ରଦାନ କରୁଥିବା ଏପରି ବିଚାର ଯୁକ୍ତ ସ୍ଥଳି, ପରିବେଶରେ ନ ରହିବା କଥା କହି ଶ୍ରୀକୃଷ୍ଣ ସ୍ୱଧାମ ଯିବା କାଳେ ଦ୍ୱାରିକା ସହିତ ଦକ୍ଷିଣ କୁରୁକ୍ଷେତ୍ରକୁ ସାଗର ଗର୍ଭଗତ କରାଇଥିଲେ ।

**ଦକ୍ଷିଣ କୁରୁକ୍ଷେତ୍ର ଆୟତନ -**

ସମୁଦ୍ର, ନଦୀ, ସରୋବର ହ୍ରଦ, ବନ୍ଧ ଆଦି ଜଳକ୍ଷେତ୍ର ଗୁଡିକରେ ସମାନ ସ୍ତରରେ ପ୍ଲାବିତ ହୋଇ ଜଳ ରହିବା ନିୟମ ଅଛି । ଏହି ନିୟମ ପ୍ରକାରେ ଜଳ ପ୍ରଭାବ ଦ୍ୱାରିକା ଉପରେ ଯେତେ ଅଞ୍ଚଳକୁ ପ୍ରଭାବିତ କରିଛି, ସେହି ପରିମାଣ ଅଞ୍ଚଳ କୁରୁକ୍ଷେତ୍ରକୁ ମଧ୍ଯ କରିଛି । ଦ୍ୱାରିକା କ୍ଷେତ୍ର ପରିମାଣକୁ ଯଦି ଧରାଯିବ, ତେବେ ଦ୍ୱାରିକା କ୍ଷେତ୍ରଗତ ଜନସଂଖ୍ୟାକୁ ମାପକାଠି କରାଯାଉ ।

ସ୍ୱଧାନ ଗମନ କାଳେ ଶ୍ରୀକୃଷ୍ଣ ଦାରୁକକୁ କହିଥିଲେ – ତୁମେ ଦ୍ୱାରିକାରେ ଯାଇ ଯଦୁବଂଶ ବା ଯାଦବ ମାନେ ପରସ୍ପର ମଧରେ ମରାମରି ତଥା ହୋଇଥିବା ସଂହାରରେ ବଳରାମଙ୍କ ପରମ ଗତି ଏବଂ ମୋର ସ୍ୱଧାମ ଗମନ କଥା କହିବ । ଯେତେ ଚଞ୍ଚଳ ହେବ ସେମାନେ ପରିବାର ସହିତ ଦ୍ୱାରିକା ଛାଡ଼ି ଚାଲିଯିବେ । ମୋର ସ୍ୱଧାମ ଗମନ ପରେ ଦ୍ୱାରିକାକୁ ସମୁଦ୍ର ମାଡି ଆସିବ । (ଶ୍ରୀମଦ୍ ଭାଗବତ ୧୧ସ୍କ ୩୧/୪୭, ୪୮ ଶ୍ଳୋକ କହେ) ମୋର ମାତା ପିତା, ଧନ ସମ୍ପତି ସମସ୍ତ ଅର୍ଜୁନଙ୍କ ହସ୍ତଗତ କରାଇଦେବ । ଯେଉଁ କ୍ଷେତ୍ରରେ ଶିକ୍ଷାଦାନ ପାଇଁ ୩ କୋଟି ୮୮ ଲକ୍ଷ କେବଳ ଆଚାର୍ଯ୍ୟ ତଥା ଉଗ୍ରସେନଙ୍କ ସୈନ୍ୟବଳ ଥିଲେ ଏକ ନୀଳ (୧୦୦୦୦୦୦୦୦୦୦୦୦୦) । ଆଚାର୍ଯ୍ୟ ଓ ସୈନିକଙ୍କୁ ସଂଖ୍ୟାରେ ନେଇ ପ୍ରଜା ସଂଖ୍ୟା କଳନା କରିବା ଉଚିତ୍ । କ୍ଷେତ୍ର ନିରୁପଣରେ ସମତୁଲ୍ୟ ଦକ୍ଷିଣ ବା ଯୁଦ୍ଧ କ୍ଷେତ୍ର ପରିମାଣ ଅନୁମେୟ ଅଟେ ।

ଲୋକ ସଂଖ୍ୟାକୁ ନେଇ ଦ୍ୱାରିକା ଯେଉଁ ପରିମାଣର ଆୟତନରେ ସମୁଦ୍ର ପ୍ରଭାବ ଆଚରିଥିଲା ସେହି ପରିମାଣ ଆୟତନକୁ ଆଧାର କରି କଳିଙ୍ଗ ସାଗର ମଧ ଅରନ୍ତୁକ ଦ୍ୱାରକୁ ଧରି କୁରୁକ୍ଷେତ୍ର ଉପରେ ପ୍ରଭାବ ବିସ୍ତାର କରି ସାରିଛି । ଏଣୁ ସେ ସମୟ କାଳେ ସେଠାରେ (ସେହି ଉପକୂଳରେ) ଯେଉଁ ଯେଉଁ ଜନପଦମାନ ଥିଲା, ସେଗୁଡିକ ସାଧାରଣ ପରିବର୍ତ୍ତନ କରି ପ୍ରାଚୀନ କଳିଙ୍ଗ ସାଗର ଯାହା ଆଜିର ବଙ୍ଗୋପସାଗର, ଉପକୂଳରେ ତାର କର୍ପୁର ଉଡି କନା ପଡିବା ଭଳି ଗୋଚର ହୋଇଅଛି । ଆଗସ୍ତି ଗାଁ - ଅଗସ୍ତି ନୂଆ ଗାଁ, କଣମଣା – କଚ୍ଛମଣା, ଆର୍ଯ୍ୟ ସମାଜଙ୍କୁ ନେଇ ଯେପରି ଆର୍ଯ୍ୟପଲ୍ଲୀ, ମତ୍ସ୍ୟଦେଶ ଗୋପାଳମାନଙ୍କ ଜନପଦ, କିର୍ତ୍ତିପୁର, ବୟାଳି ବା ଗୋପାଳପୁର, ମନ୍ତ୍ରିଡି, ସୁରୋଳ ତଥା ସୁମାଣ୍ଡି ଇତ୍ୟାଦି ବିଦ୍ୟମାନ ।

ସହଯୋଗୀ- ଆକାଂକ୍ଷା ପଟ୍ଟନାୟକ

ମୋ - ୯୭୭୬୩୩୨୬୬୮

## <u>ପ୍ରାର୍ଥନା</u>

ବ୍ରିଟିଶ୍ ସହ ସଂଗ୍ରାମ ପରେ ଏକ ରାଷ୍ଟ୍ରଭାବେ ଭାରତ ସ୍ୱାଧିନତା ପ୍ରାପ୍ତ ହେବାର ପଞ୍ଚସ୍ତରି ବର୍ଷ ବିତି ସାରିଛି । ସଂସ୍କୃତି ବିଭାଗର ସଂସ୍ଥାଟିଏ ମଧ ରହି ଆସିଛି । କିନ୍ତୁ ରାଷ୍ଟ୍ର ଭାରତର ଅତୀତ କଣ ଥିଲା, ବର୍ତ୍ତମାନର ସମୟର ବିଦ୍ୱାନ୍‌ମାନେ ଜାଣିବାକୁ ଚେଷ୍ଟା କରିନାହାନ୍ତି କି, କରୁ ନାହାନ୍ତି । ସେପରି ବିଧି ଜନିତ ବିଦ୍ୱାନମାନଙ୍କୁ ରାଷ୍ଟ୍ର ଭାରତର ଗର୍ବ ଗୌରବର ପ୍ରତୀକ କହି କୁହାଯାଉଛି । ଶ୍ରୀକୃଷ୍ଣ ଦୈପାୟନ ବ୍ୟାସଙ୍କ ମତକୁ ତ୍ୟାଗ କରି, ଇଂରାଜୀ ଶାସନ କାଳରେ ଭାରତରେ ଥିବା ଭାରତୀୟତାର ଆଚରଣ ବିଧ୍ୱଂସକାରୀ ଲର୍ଡ ମେକଲେଙ୍କ ବିଚାରକୁ ଗ୍ରହଣ କରୁଛେ । ପୁନଃ ଆସନ୍ତା ପିଢ଼ିକୁ କରାଇ ଚାଲିଛେ । ଏଥିରୁ ସ୍ପଷ୍ଟ ଏହି ଯେ ଭାରତ ରାଷ୍ଟ୍ରକୁ ସ୍ୱାଧିନ ପଦବାଚ୍ୟ ନାମରେ କେବଳ ହସ୍ତାନ୍ତର ହୋଇ ରହି ଆସିଛି ।

ଆମେ ଯଦି ଲର୍ଡ ମେକଲେଙ୍କ ବିଚାରକୁ ସମ୍ମାନ ଦେଇ ଚାଲିବା, ତେବେ ଭାରତୀୟ ସଂସ୍କୃତିର ରସ ଦିନେ ନିଶ୍ଚୟ ଧ୍ୱଂସ ହୋଇଯିବ । ପ୍ରାଚୀନ ଭାରତୀୟ ସଂସ୍କୃତିକୁ ଯଦି ଗ୍ରହଣ କରା ନଯାଏ ତାହାହେଲେ ଆମେ ଆଶା କରୁଥିବା ଆମ ଅସ୍ମିତା ଶାଶ୍ୱତ ବୋଲି ବିବେଚିତ ହୋଇ ପାରିବ କି ? ବ୍ୟାସଦେବଙ୍କ ବର୍ଣ୍ଣିତ ଧର୍ମକ୍ଷେତ୍ରରେ ରହିଥିବା କୁରୁକ୍ଷେତ୍ରର ସ୍ୱଷ୍ଟ ଚିତ୍ରକୁ ଆଧାର କରି ପୌରାଣିକ ପ୍ରମାଣ ସହିତ ସର୍ବ ସାଧାରଣରେ ପ୍ରକାଶ କରାଯାଉ । ପ୍ରକୃତ କୁରୁକ୍ଷେତ୍ର ବିଷୟ ଜନସାଧାରଣ ଜାଣିପାରିବେ । ଆମ ଓଡିଶାର ପ୍ରକୃତ ଅସ୍ମିତା ପାଇପାରିବେ ।

ଶ୍ରୀ ବେଙ୍କଟ ବିହାରୀ ପ୍ରହରାଜ

ଲେଖକ- ଭାରତର ହିନ୍ଦୁତ୍ୱ ଇଣ୍ଡିଆର ପ୍ରଭୁତ୍ୱ